## ସଂକ୍ଷେପରେ

### ବିଭିନ୍ନ ଦେବଦେବୀଙ୍କ ପୀଠରେ ଯଜ୍ଞ

**କୁଆମରା, ୧୮।୧(ଡି.ଏନ.ଏ.):** ମକର ପର୍ବ ଅବସରରେ ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ଦେବଦେବୀଙ୍କ ପୀଠରେ ବାର୍ଷିକ ଉତ୍ସବ ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ବାରିପଦା ଓ ଖଡିକାପଦା ଗ୍ରାମର ମିଳିତ ଭାବେ ଆଖଣ୍ଡଳମଣିଙ୍କ ପୀଠରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ହୋମ ଯଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। କର୍ତ୍ତା ଭାବେ ସଞ୍ଜୀବ ବେହେରା, ଗୌରାଙ୍ଗ ବେହେରା ଓ ସୂର୍ଯ୍ୟରଞ୍ଜନ ବେହେରାଙ୍କ ଦ୍ୱାରା କାର୍ଯ୍ୟ ସମାପନ ହୋଇଥିଲା। ପୂର୍ଣ୍ଣାହୁତି ଦିବସରେ ଅନ୍ନଛତ୍ର ଅନୁଷ୍ଠିତ ହୋଇଛି। ଯଜ୍ଞ କମିଟି ସଭାପତି ବଳରାମ ବେହେରା, ସମ୍ପାଦକ ସନ୍ତୋଷ ଦେହୁରୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜଳାଶୟରୁ ମହିଳାମାନେ ୧୦୮ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିଥିଲେ। ରଶ୍ମିରଞ୍ଜନ ହୋତା, ଜଗଦୀଶ ମହାପାତ୍ର, ମାନସ ଆଚାର୍ଯ୍ୟଙ୍କ ସମେତ ମୋଟ ୧୧ଜଣ ବ୍ରାହ୍ମଣ ପୂଜାପାଠ ସମ୍ପନ୍ନ କରିଥିଲେ। ସେହିପରି କୁଆମରା ପ୍ରସିଦ୍ଧ ନୃସିଂହନାଥ ମନ୍ଦିରରେ ମଧ ଦୁଇ ଦିନ ଧରି ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ସାଧୁ, ସନ୍ଥ ଓ ପଣ୍ଡିତମାନେ ଯୋଗ ଦେଇଥିବା ବେଳେ କମିଟି ଦ୍ୱାରା କାର୍ଯ୍ୟ ପରିଚାଳିତ ହୋଇଥିଲା। ଅନୁରୂପ ଭାବେ ଚିଲିମା ଗ୍ରାମର ଅଷ୍ଟପ୍ରହର, ସିକିଡିଆ ଓ ପଟୁଆ ଗ୍ରାମରେ ମଧ ପ୍ରତିବର୍ଷ ଭଳି ମକର ମେଳା ଅନୁଷ୍ଠିତ ହୋଇଯିବା ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଛି।

### ନକଲି ଜର୍ଦ୍ଦା ବିକ୍ରି

**ରାଇରଙ୍ଗପୁର, ୧୮।୧ (ଡି.ଏନ୍.ଏ.):** ରାଇରଙ୍ଗପୁର ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ନକଲି ଜର୍ଦ୍ଦା ପାନ ମସଲା ବିକ୍ରୟ ନେଇ ଜନ ଅସନ୍ତୋଷ ଦେଖାଦେଇଛି। କିଛି ଦିନ ତଳେ ଭଦ୍ରକ ଅଞ୍ଚଳରେ ନାମୀଦାମୀ ନକଲି ଜର୍ଦ୍ଦା କାରଖାନା ଉପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ଘଟଣାକୁ ନେଇ ଏଠାରେ ଚର୍ଚ୍ଚା ଚାଲିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ନକଲି ଜର୍ଦ୍ଦା ବିକ୍ରୟ ସମ୍ପର୍କରେ ସୂଚନା ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

# କ୍ଷେତ୍ର ପରିଦର୍ଶନ କରି ସମୀକ୍ଷା କଲେ

ବାରିପଦା ଅଫିସ,୧୮।୧

**ବିଧାନସଭା ଷ୍ଟାଣ୍ଡିଂ କମିଟିର ମୟୂରଭଞ୍ଜ ଗସ୍ତ**



ଷ୍ଟାଣ୍ଡିଂ କମିଟି ସଦସ୍ୟ ଓ ଅନ୍ୟମାନେ ମଣ୍ଡି ବୁଲି ଦେଖୁଛନ୍ତି।

ରାଜ୍ୟ ବିଧାନସଭା ୬ଷ୍ଠ ଷ୍ଟାଣ୍ଡିଂ କମିଟିର ଚତୁର୍ଥ ସବ୍ କମିଟି ଶନିବାର ମୟୂରଭଞ୍ଜ ଜିଲା ଗସ୍ତ କରିଥିଲେ। ଏହି କମିଟି ସାଧାରଣ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଜିଲାରେ କାର୍ଯ୍ୟକାରୀ କରାଯାଉଥିବା ଯୋଜନା କାର୍ଯ୍ୟ ସମ୍ପର୍କରେ ବିଭିନ୍ନ ବ୍ଲକ ଅଞ୍ଚଳକୁ ଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷାମୂଳକ ଆଲୋଚନା କରାଯାଇଥିଲା। ସବ୍‌କମିଟିର ଅଧ୍ୟକ୍ଷ ଅରବିନ୍ଦ ଢାଲିଙ୍କ ଅଧ୍ୟକ୍ଷତାରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ସଦସ୍ୟ ଜିଲା ଗସ୍ତରେ ଆସି ପ୍ରଥମେ ବାରିପଦା ବ୍ଲକ ଅଧୀନ ରଙ୍ଗାମାଟିଆ ଗ୍ରାମାଞ୍ଚଳରେ ସେରି କଲ୍‌ଚର(ରେଶମ) ବିଭାଗ ଯୋଜନା କାର୍ଯ୍ୟକ୍ରମରେ ରେଶମ ଚାଷର ବିକାଶ ପାଇଁ କାର୍ଯ୍ୟକାରୀ କରାଯାଉଥିବା ଅସନ ଚାରାବୃକ୍ଷ କ୍ଷେତ୍ର ପରିଦର୍ଶନ କରିଥିଲେ। ସେମାନେ ସମ୍ପୃକ୍ତ ହିତାଧିକାରୀ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ।

ସେହିପରି ଶାମାଖୁଣ୍ଟା ବ୍ଲକର ବୃହଦାକାର ସମବାୟ ସମିତି କାର୍ଯ୍ୟାଳୟଠାରେ ଖୋଲା ଯାଇଥିବା ଧାନ ମଣ୍ଡି ବୁଲି ଦେଖିଥିଲେ। ଏଥିସହ ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟି ଅଧ୍ୟକ୍ଷ ଓ ସଦସ୍ୟ ଯୋଗଦେଇ ସମବାୟ ବିଭାଗ ଯୋଜନାରେ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଆନୁସଙ୍ଗିକ ସୁବିଧା ସୁଯୋଗ ସମ୍ପର୍କରେ ହିତାଧିକାରୀମାନଙ୍କ ସହ କଥା ହୋଇଥିଲେ। ମଣ୍ଡିରେ ଧାନ କ୍ରୟ ପାଇଁ ଆବଶ୍ୟକ ଭିତ୍ତିଭୂମି ବିକାଶ ଅନୁଧ୍ୟାନ କରିଥିଲେ। ଏହାପରେ ବାରିପଦା ସର୍କିଟ୍ ହାଉସ୍‌ଠାରେ ଜିଲା ପ୍ରଶାସନିକ ପଦାଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ଅଧ୍ୟକ୍ଷ ଓ ସଦସ୍ୟମାନେ ସରକାରଙ୍କ ଉକ୍ତ ବିଭାଗ ଯୋଜନା କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥିତି ଉପରେ ଆଲୋଚନା କରିଥିଲେ। ବିଶେଷ କରି ଜିଲାରେ ଲକ୍ଷ୍ୟ ଧାର୍ଯ୍ୟ ଥିବା ଚାଷୀମାନଙ୍କଠାରୁ ଧାନ କ୍ରୟର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହ ପିଡିଏସ୍ ସାମଗ୍ରୀ ବଣ୍ଟନ ପ୍ରକ୍ରିୟା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଯୋଗାଇବା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପଞ୍ଜୀକୃତ ଚାଷୀମାନଙ୍କଠାରୁ କିଣା ଯାଉଥିବା ଧାନର ଏଫ୍ଏକ୍ୟୁ ଗୁଣବତ୍ତା ଓ ମାନ ବଜାୟ ରଖି ସହାୟକ ମୂଲ୍ୟ ପ୍ରଦାନ ଦିଗରେ ଦୃଷ୍ଟି ଦେବା ସହ ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟଧାର୍ଯ୍ୟ ଧାନ କ୍ରୟ ସକାଶେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କମିଟିର କ୍ଷେତ୍ର ଅନୁଧ୍ୟାନ ଓ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ଡିଆର୍‌ସିଏସ୍ ଦମୟନ୍ତୀ ସିଂ, ସହକାରୀ ନିର୍ଦ୍ଦେଶକ ରେମଶ ଲକ୍ଷ୍ମଣ ମୁଣ୍ଡା, ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ ମଧୁସ୍ମିତା ଦାସ, ଆର୍‌ଏମ୍‌ସି ସମ୍ପାଦକ ଓ ଜିଲା ଯୋଗାଣ ଅଧିକାରୀଙ୍କ ସହ ଅନ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଯୋଜନା କାର୍ଯ୍ୟାଧାରା ସମ୍ପର୍କରେ ଅବଗତ କରିଥିଲେ।

## କାଶୀନାଥ ପୀଠରେ ଡେଲପାଟ ମେଳା

ଝାରପୋଖରିଆ, ୧୮।୧ (ଡି.ଏନ.ଏ.)

**ମନ ମୋହିଲା 'କାଠିନାଚ'**

ଝାରପୋଖରିଆ ଥାନା ଅଧୀନ ଦେଉଳି ପଦ୍ମପୁର ଗ୍ରାମରେ ଥିବା ବାବା କାଶୀନାଥ ପୀଠରେ ବାଉଣ୍ଡି ପର୍ବ ଉପଲକ୍ଷେ ସବୁବର୍ଷ ପରି ଚଳିତ ବର୍ଷ ମଧ ଡେଲପାଟ ମେଳା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମୁଖିଆ ଛତିଶ ଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଡେଲପାଟ ମେଳାକୁ କାଶୀନାଥ ବାବାଙ୍କ ପୂଜା କମିଟି ସଦସ୍ୟ ମନୋରଞ୍ଜନ ମହାନ୍ତ, ହରିଶ ଚନ୍ଦ୍ର ମହାନ୍ତ ଓ ଲକ୍ଷ୍ମୀରାମ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। କାଶୀନାଥ ବାବାଙ୍କ ମୁଖ୍ୟ ପୂଜକ କେଶବ ପଣ୍ଡାଙ୍କ ଦ୍ୱାରା ଦେବସ୍ଥଳୀ ପୀଠରେ ଥିବା ହରିଶଙ୍କର, ଲକ୍ଷ୍ମୀନାରାୟଣ ଓ କାଶୀନାଥ ଦିଅଁମାନଙ୍କୁ ପଞ୍ଚାୟତରେ ଶୁଦ୍ଧ ସ୍ନାନ କରାଇ ଆବାହନ କରି ପୂଜାର୍ଚ୍ଚନା କରାଯାଇଥିଲା। ପରେ ଠାକୁରଙ୍କ ଆଜ୍ଞାନେଇ ଡେଲପାଟ ମେଳା ଆରମ୍ଭ କରାଯାଇଥିଲା। ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ସମାଗମ ହୋଇଥିଲା। ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କାଠିନାଚର ବ୍ୟବସ୍ଥା କରାଯାଇଥିବା ବେଳେ ପୀଠ ଭଜନ ସଂକୀର୍ତ୍ତନରେ ମୁଖରିତ ହୋଇ ଉଠିଥିଲା। ବିଶେଷକରି ଦର୍ଶକଙ୍କ ମନ ମୋହିଥିଲା କାଠିନାଚ। ପରେ ଠାକୁରଙ୍କ ଖେଚୁଡି ଅନ୍ନପ୍ରସାଦ ରୂପେ ଜନସାଧାରଣଙ୍କୁ ବିତରଣ କରାଯାଇଥିଲା। ସେହିପରି ପୀଠ ନିକଟରେ ଉକ୍ତ ପଦ୍ମପୁର ଦେଉଳି ଗ୍ରାମରେ ଥିବା ନବଜ୍ୟୋତି ଯୁବକ ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ସଂଘର ୪୨ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ସଂଘ ସଭାପତି ରୂପଚାନ୍ଦ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଉଭୟ ମହିଳା, ପୁରୁଷ, ବାଳିକା, ବାଳକଙ୍କୁ ନେଇ ୨୨ଗୋଟି ବିଭାଗରେ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। କ୍ରୀଡା ମଧ୍ୟରେ ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ, ସାଧାରଣ ଜ୍ଞାନ, ମ୍ୟୁଜିକ ଚେୟାର, ବେଲୁନଫୁଟା, ଶଙ୍ଖ ଧ୍ୱନୀ, ଅଙ୍କକଷା ସଙ୍ଗୀତ, ରେକର୍ଡ ଡ୍ୟାନ୍ସ, ଛୁଞ୍ଚିସୂତା ଆଦି ଆୟୋଜନ କରାଯାଇଥିଲା। କ୍ରୀଡାଗୁଡିକୁ ସଚିନ ମହାନ୍ତ, ଉତ୍ତମ ମହାନ୍ତ, ଶିବଶଙ୍କର ଘୋଷ, ଭୀଷ୍ମ ଚରଣ ମହାନ୍ତ, ଭବାନୀ ଶଙ୍କର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ସଂଘର ସମ୍ପାଦକ ଦାମୋଦର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଟୁସୁ ମେଢ ପ୍ରଦର୍ଶନୀ

ଠାକୁରମୁଣ୍ଡା, ୧୮।୧(ଡି.ଏନ.ଏ.)

ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣି ସରସ୍ୱତୀ ଶିଶୁ ମନ୍ଦିର ନିକଟ ତେଲନଦୀ ପଠାରେ ପଞ୍ଚାୟତସ୍ତରୀୟ ୩୦ତମ ଟୁସୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ ସୁସଜ୍ଜିତ ଟୁସୁ ମେଢ ଭାଗ ନେଇଥିଲେ। ଟୁସୁ ମେଢ ଧରି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କୁଡୁମୀ ଜାତିର ମହିଳା ଓ ଯୁବତୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ବିଚାରକ ମଣ୍ଡଳୀ ୨ଟି ମେଢ ଚୟନ କରିଥିଲେ। କୁଦରସାହି ଟୁସୁ ମେଢ ପ୍ରଥମ ସ୍ଥାନ ଓ ଯୋଡ଼ିବିଲ ମେଢ ଦ୍ୱିତୀୟ ବିଜେତା ଭାବେ ଘୋଷଣା କରଯାଇଥିଲା। ବିଜେତା ମେଢକୁ ଯଥାକ୍ରମେ ୮ ହଜାର, ୫ ହଜାର ଟଙ୍କା ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଉପସ୍ଥିତ ଥିବା ଅତିଥି ସାମାଜିକ କର୍ମୀ ରବୀନ୍ଦ୍ର ମହାନ୍ତ, କାର୍ତ୍ତିକ ମହାନ୍ତ, ସଞ୍ଜୟ ସାହୁ, ପିତାମ୍ବର ମହାନ୍ତ, ଯତୀନ ମହାନ୍ତ ବିଜେତା ମେଢ କର୍ମକର୍ତ୍ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଜାତୀୟ ଟେନିକଏଟ ପ୍ରତିଯୋଗିତାରେ ମୟୂରଭଞ୍ଜର ଦିପା

**ବାରିପଦା ଅଫିସ, ୧୮।୧:** ଜାତୀୟ ବିଦ୍ୟାଳୟସ୍ତରୀୟ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗର ଟେନିକଏଟ ପ୍ରତିଯୋଗିତା ଆସନ୍ତା ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ଭେଲୋରଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଓଡ଼ିଶା ରାଜ୍ୟ ଟିମ୍‌ରେ ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଓରାଚନ୍ଦାବିଲାସ୍ଥିତ ଭାଗବତଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଦିପା ମହାନ୍ତ ସାମିଲ ହୋଇଛନ୍ତି। ତାଙ୍କ ଘର ଓରାଚନ୍ଦାବିଲା ହୋଇଥିବାବେଳେ ବୈକୁଣ୍ଠ ମହାନ୍ତ ଓ ମନୋରମା ମହାନ୍ତଙ୍କ ଝିଅ। ଏହି ଅବସରରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସେହିପରି ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ଦେବବ୍ରତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ମହାନ୍ତ, ଶାରୀରିକ ଶିକ୍ଷା ଶିକ୍ଷକ ଦୀପକ ରାମ, ହିନ୍ଦୀ ଶିକ୍ଷକ ଦୀପକ କୁମାର ବାରିକ, ଶିକ୍ଷକ ବିଜୟ କୁମାର ପଣ୍ଡା, ମିତ କୁମାର ହାଁସଦା ଓ ଦିପାଙ୍କ ମାତାପିତା ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ବଡ଼ସାହି,୧୮।୧(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଧୀନ ବଳଭଦ୍ରପୁର ଗ୍ରାମ ଯୁବକ ସଂଘର ୬ଷ୍ଠ ବାର୍ଷିକ କ୍ରୀଡା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ସରପଞ୍ଚ କାହ୍ନୁ ଚରଣ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଓମ୍ ଶୁଭମ ମହାପାତ୍ରଙ୍କ ଡ୍ୟାନ୍ସ କାର୍ଯ୍ୟକ୍ରମ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ, ସମ୍ମାନିତ ଅତିଥି ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଜଗତବନ୍ଧୁ ଆଚାର୍ଯ୍ୟ, ସାମାଜିକକର୍ମୀ ପ୍ରଭାତ କୁମାର ଜେନା, ସୁଶାନ୍ତ କୁମାର ନାୟକ, ଅବନୀ କୁମାର ପତି, ରାଜେନ୍ଦ୍ର କୁମାର ଜେନା, ଦୀପକ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ୨୫ଟି ଓ ମହିଳାମାନଙ୍କୁ ନେଇ ୭ଟି ପ୍ରତିଯୋଗିତା ହୋଇଛି। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଛି। ଜ୍ୟୋତିଶଙ୍କର ଆଚାର୍ଯ୍ୟ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଛନ୍ତି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବକ ସଂଘର ସଦସ୍ୟ ମାନସ ରଞ୍ଜନ ସିଂ, ସନତ ସେଠୀ,ରାଜେଶ ସେଠୀ, ଭୀମ ଚରଣ ସିଂ, ଅନିନ୍ଦ୍ୟ ପ୍ରତିହାରୀ, ଶକ୍ତି ଶଙ୍କର ଆଚାର୍ଯ୍ୟ, ଅମିତ ନନ୍ଦ,ବଜି ସିଂ, ଦୀପୁ ଦ୍ୱିବେଦୀ, ଅଭିଜିତ କୁମାର ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି।

**BABA POLY CLINIC**
NEAR CENTRAL BANK, ASTAL, NAYA BAZAR,
BHADRAK, ଯୋଗାଯୋଗ : 9778959141 / 9090785866

| | |
|---|---|
| DR. SABINA KAZI (Cuttack) | (ବରିଷ୍ଠ ମହିଳା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ଗୁରୁବାର ୧୧ଟାରୁ ଦିବା ୨ଟା |
| DR. MANAS RANJAN PUHAN (BBSR) | (ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ଶୁକ୍ରବାର ସକାଳ ୮ଟାରୁ ଦିବା ୧ଘଟିକା |
| DR. DIPTI BEHERA | (ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ଦିନ ୧୨ଟା ରୁ ୧ଟା |
| DR. L.K. DAS (Cuttack) | (ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ସପ୍ତାହ ଶନି, ରବି, ସୋମ ଏବଂ ମଙ୍ଗଳବାର (ସକାଳ ୧୦-୧ଟା) |
| DR. DEBAKANTA MISHRA (BBSR) | (ପେଟ ଓ ଲିଭର ବିଶେଷଜ୍ଞ), ପରାମର୍ଶ ସମୟ:ପ୍ରତ୍ୟେକ ମାସ ୨ୟ ଓ ୪ର୍ଥ ରବିବାର (ସକାଳ ୧୦-୧ଟା) |
| DR. AJIT KUMAR KAR (Cuttack) | (ଅସ୍ଥି ଶଲ୍ୟ ବିଷେଶଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ବୁଧବାର ସକାଳ ୧ଟା ରୁ ୨ଟା |



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଜାନୁୟାରୀ ୧୯/୨୦୨୦ Balasore, Sunday, January 19/2020

## ଦୋକାନୀଙ୍କୁ ମାଡ଼ ମାରି ୩ ଗିରଫ

ପଦ୍ମପୁର,୧୮।୧(ଡି.ଏନ.ଏ.)

ଭଦ୍ରକ ବ୍ଲକ ଅଧୀନ ଇଚ୍ଛାପୁର ଛକଠାରେ ଶୁକ୍ରବାର ଅପରାହ୍ଣରେ ଜଣେ ଦୋକାନୀଙ୍କୁ ୩ ଜଣ ଦୁର୍ବୃତ୍ତ ନିସ୍ତୁକ ମାଡ଼ ମାରିବା ସହ ଦୋକାନ ଭଙ୍ଗାରୁଜା କରିଥିଲେ। ଏ ନେଇ ଦୋକାନୀ ଭଇଁତିରା ଗ୍ରାମର ଭାଗ୍ୟବନ୍ତ ରାଉତ ସାବରଙ୍ଗ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଶନିବାର ଭୋର ୫ଟା ବେଳେ ସାବରଙ୍ଗ ଫାଣ୍ଡି ଅଧିକାରୀ ଅଭିଯୁକ୍ତ ଇଚ୍ଛାପୁର ଗ୍ରାମର ରଞ୍ଜିତ ବଳ, ପପୁ ପଲେଇ ଓ ଶୁଭ୍ରାଂଶୁ ଦାସଙ୍କୁ ଗିରଫ କରିଛନ୍ତି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୪୭/୨୦) ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

## କୁଇଣ୍ଟାଲରୁ ଉର୍ଦ୍ଧ୍ୱ କୋଇଲା ଜବତ

ପଦ୍ମପୁର,୧୮।୧(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡି ପୋଲିସ ଶନିବାର ଚୋରା କୋଇଲା ନେଇ ଯାଉଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ତାଙ୍କଠାରୁ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ କୋଇଲା ସହ ବାଇକ୍ ପୋଲିସ ଜବତ କରିଛି। ଗିରଫ ବ୍ୟକ୍ତି ହେଲେ ତିହିଡ଼ି ଥାନା ଅଧୀନ ବିଦ୍ୟାଧରପୁର ଗ୍ରାମର ପ୍ରଶାନ୍ତ ମଳିକ। ପୋଲିସ ସୂଚନା ଅନୁଯାୟୀ, ପ୍ରଶାନ୍ତ ଚକପୁର-ଗୋରାମାଟି ରାସ୍ତାରେ ଏକ ବାଇକ୍‌ରେ ଚୋରା କୋଇଲା ନେଇ ଯାଉଥିଲେ। ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି ଓ କନଷ୍ଟେବଳ ସନ୍ତୋଷ ବିଶ୍ୱାଳ ତାଙ୍କୁ ପିଛା କରି ଧରିଥିଲେ। ଥାନାରେ ଏ ନେଇ ଏକ ମାମଲା(ନଂ.୪୪/୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଯୁବକଙ୍କୁ ଆକ୍ରମଣ ନେଇ ଅଧା ରହିଲା ବାହାଘର

# ଥାନାର ଦ୍ୱାରସ୍ଥ ହେଲେ କନ୍ୟା ପିତା

ସଜନାଗଡ଼,୧୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ବରିସାହି ଗ୍ରାମର ଅନ୍ତର୍ଯ୍ୟାମୀ ବେହେରାଙ୍କ ଜ୍ୟେଷ୍ଠପୁତ୍ର ମନୋଜଙ୍କ ସହ ରେମୁଣା ଥାନା ଆରମଳା ଗ୍ରାମର ଭଗୀରଥ ସଙ୍କ ଝିଅର ବିବାହ ଉଭୟପକ୍ଷଙ୍କ ସହମତିରେ ରବିବାର ସ୍ଥିରୀକୃତ ହୋଇଥିଲା। ଶୁକ୍ରବାର ରାତି ୧୦ଟା ସମୟରେ ମନୋଜ ସଜନାଗଡ଼ସ୍ଥିତ କାଳିଝାଟି ଗ୍ରାମର ବନ୍ଧୁ ଘରୁ ଗୁଆ ପକାଇ ବାଇକ୍ ଯୋଗେ ଫେରୁଥିବା ବେଳେ ୩ଜଣ ଯୁବକ ତାଙ୍କୁ ନିକଟସ୍ଥ ଜଙ୍ଗଲରେ ବାନ୍ଧି ପକାଇ ମାଡ଼ ମାରି ନିକଟରେ ଥିବା ଟଙ୍କା, ପଇସା, ପିନ୍ଧି ଥିବା ସୁନାଗହଣା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଖବରପାଇ ତାଙ୍କୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଏହି ଘଟଣାକୁ କେନ୍ଦ୍ର କରି ବରଘର ପକ୍ଷରୁ ବିବାହ ଭାଙ୍ଗି ଦିଆଯାଇଥିଲା। ଏନେ କନ୍ୟା ପିତା ଥାନାରେ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଆବେଦନ କରିଛନ୍ତି।

ବରପକ୍ଷ ଓ କନ୍ୟାପକ୍ଷଙ୍କ ସହମତିରେ ପୁଅଝିଅର ବିବାହ ସମ୍ପନ୍ନ ପାଇଁ ସ୍ଥିରୀକୃତ ହେଲା ପରେ ଲଗ୍ନଧରା କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ୧୯ ତାରିଖରେ ବିବାହ ତାରିଖ ଧାର୍ଯ୍ୟ ହୋଇଥିଲା। ଉଭୟ ପକ୍ଷଙ୍କ ବନ୍ଧୁବାନ୍ଧବ ଘରେ ଗୁଆ ପକା ଓ ନିମନ୍ତ୍ରଣ କାର୍ଡ଼ ମଧ୍ୟ ବଣ୍ଟା ଚାଲିଥିଲା। ସମସ୍ତ ପ୍ରକାର ସରଞ୍ଜାମ ପାଇଁ ଉଭୟପକ୍ଷଙ୍କ ଘର ପକ୍ଷରୁ ଆଡ଼ଭାନ୍ସ ମଧ୍ୟ ଲୋକମାନଙ୍କୁ ଦିଆସରିଥିଲା। ଶୁକ୍ରବାର ରାତିରେ ହୋଇଥିବା ମନୋଜଙ୍କ ଉପରେ ଆକ୍ରମଣ ସବୁକିଛି ଏପଟସେପଟ କରିଦେଲା। ଆକ୍ରମଣ ଘଟଣା ପରେ ବର ଘର ପକ୍ଷରୁ ବାହାଘର ବନ୍ଦ କରିବା ଖବର କନ୍ୟାଘରକୁ ଦେଇଥିଲେ। ଏହା ଜାଣିବା ପରେ କନ୍ୟାଘର ଲୋକ ଦୁଃଖରେ ଭାଙ୍ଗିପଡିଛନ୍ତି। ନିରୁପାୟ ହୋଇ କନ୍ୟା ପିତା ଭଗୀରଥ ବରଘର ସହ ଆଲୋଚନା କରି ବିଫଳ ହେବା ପରେ ନ୍ୟାୟ ପାଇଁ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କନ୍ୟା ପିତାଙ୍କ ଅଭିଯୋଗ ଅନୁଯାୟୀ, ଏହା ଏକ କପୋଳକଳ୍ପିତ ଘଟଣା। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ପ୍ରାୟ ୮ଲକ୍ଷ ଟଙ୍କା ଖର୍ଚ୍ଚ ସରିଛି। ପୋଲିସ ପକ୍ଷରୁ କନ୍ୟା ପିତାଙ୍କୁ ଆଶ୍ୱାସନା ଦିଆଯାଇଥିବାର ଜଣାପଡ଼ିଛି।

## ନାବାଳିକାଙ୍କ ଗଳା କାଟିଲେ ଯୁବତୀ

ସଜନାଗଡ଼, ୧୮।୧(ଡି.ଏନ.ଏ.)

**ପ୍ରେମ ପାଇଁ ହିଂସା**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମିତ୍ରପୁର ଅଞ୍ଚଳରେ ପ୍ରେମ ପାଇ ହିଂସାକାଣ୍ଡ ଘଟିଛି। ଜଣେ ଯୁବତୀ ବ୍ଲେଡ଼ରେ ଅନ୍ୟ ଜଣେ ନାବାଳିକାଙ୍କ ଗଳା, ଛାତି, ବାମପଟ ଗାଲ କାଟି ରକ୍ତାକ୍ତ କରିପକାଇଛନ୍ତି। ଏହି ମରଣାନ୍ତକ ଆକ୍ରମଣ ନେଇ ନୀଳଗିରି ଥାନାରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଥିବା ଏଏସ୍ଆଇ ଶରତ ଚନ୍ଦ୍ର ଧଳ ପ୍ରକାଶ କରିଛନ୍ତି।

ଉକ୍ତ ନାବାଳିକା ଶନିବାର ମିତ୍ରପୁରସ୍ଥିତ ଚାଚାଜୀ ହାଇସ୍କୁଲ ପଛପଟ ଗାଡ଼ିଆକୁ ମଧ୍ୟାହ୍ନ ୧୨ଟା ବେଳେ ଗାଧୋଇବାକୁ ଯାଇଥିବାବେଳେ ଅନ୍ୟ ଜଣେ ଯୁବତୀ ତାଙ୍କୁ ଅଟକାଇଥିଲେ। ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ପ୍ରେମିକଙ୍କୁ କାହିଁକି ଭଲପାଉଛୁ ବୋଲି କହି ଟଣାଓଟରା କରିଥିଲେ। ଏହାପରେ ସେ ଲୁଚେଇ ରଖିଥିବା ଏକ ବ୍ଲେଡ଼ରେ ନାବାଳିକାଙ୍କ ଗଳା, ଛାତି, ବାମପଟ ଗାଲ କାଟି ଦେଇଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଆସିବାରୁ ଉକ୍ତ ଯୁବତୀ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଖବରପାଇ କାମ କରିବାକୁ ଯାଇଥିବା ତାଙ୍କ ମା' ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ପରାମର୍ଶକ୍ରମେ ଝିଅକୁ ନୀଳଗିରି ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଛନ୍ତି। ପରେ ଘଟଣା ବିଷୟରେ ଆହତ ନାବାଳିକାଙ୍କ ମା' ନୀଳଗିରି ଥାନାରେ ଅଭିଯୋଗ କରିଥିଲେ।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା, ୧୦ ଗୁରୁତର

ରେମୁଣା/ବାହାନଗା,୧୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଶେରଗଡ ନିକଟସ୍ଥ ମେଘନା ପେଟ୍ରୋଲ ପମ୍ପ ନିକଟରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୧୦ଜଣ ଆହତ ହୋଇଥିବା ବେଳେ ୧୦ଜଣ ଗୁରୁତର ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କର ଗୋଡ ଦୁଇଟି ଭାଙ୍ଗିଯାଇଥିବାରୁ ସେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌କୁ ପୋଲିସ ଜବତ କରିଛି। ଘଟଣାସ୍ଥଳରୁ ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ନ ହେବାରୁ ଖନ୍ତାପଡା ଥାନାରେ ମାମଲା ରୁଜୁ କରାଯାଇନାହିଁ। ଶନିବାର ଭୋର ସମୟରେ କଲିକତାରୁ ପୁରୀ ଆସୁଥିବା ଏକ ତୀର୍ଥ ଯାତ୍ରୀ ଘରୋଇ ବସ୍ (ନଂ.ଡବ୍ଲ୍ୟୁ ବି -୧୯-ଜି-୩୧୭୨)ରାତି ସାଢେ ୪ଟାରେ ଶେରଗଡ ସ୍ଥିତ ଜାତୀୟ ରାଜପଥ ନିକଟସ୍ଥ ମେଘନା ପେଟ୍ରୋଲ ପମ୍ପ ନିକଟରେ ରାସ୍ତାରେ ଛିଡା ହୋଇ ଥିବା ଏକ ମାଲ ବୋଝେଇ ଟ୍ରକ୍‌କୁ ପଛପଟୁ




ଧକ୍କା ଦେଇଥିଲା। ଏହି ବସ୍ କଲିକତାରୁ ପାଖାପାଖି ୭୦ଜଣ ତୀର୍ଥ ଯାତ୍ରୀଙ୍କୁ ଧରି ପୁରୀ ଆସୁଥିଲା ।

## ୪ ବଖରା ଜଳିଗଲା।

ଖଇରା, ୧୮।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଡ଼ନୂଆଗାଁ ଗ୍ରାମରେ ଶନିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ମୋହନ ସାହୁଙ୍କର ୪ ବଖରା ବାସଗୃହ ଭସ୍ମୀଭୂତ ହୋଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଲକ୍ଷାଧିକ ଟଙ୍କାର ଧାନଚାଉଳ ଆସବାବପତ୍ର ନଷ୍ଟ ହୋଇଯାଇଥିବାର କୁହାଯାଉଛି। ଖବର ପାଇ ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ନେଇ ମୋହନ ସାହୁଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ରାସ୍ତାକଡ଼କୁ ଓଲଟିଲା ଗାଡ଼ି

ବନ୍ତ,୧୮।୧(ଡି.ଏନ.ଏ.)

ଭଦ୍ରକ-ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥର ପଳସା ବଜାରଠାରେ ଶନିବାର ସକାଳେ ଏକ ଯାତ୍ରୀବାହୀ ଟାଟାମ୍ୟାଜିକ ବନ୍ତରୁ ଭଦ୍ରକ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଗାଡ଼ିରେ ଥିବା ୧୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଏଥିରୁ ଅଳ୍ପକେ ବର୍ତ୍ତିଯାଇ ସାମାନ୍ୟ ଆହତ ହୋଇଥିବାବେଳେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରି ଥାନାକୁ ନେଇଥିବା ବେଳେ ଚାଳକଙ୍କୁ ଅଟକ ରଖିଛି। ସକାଳ ପ୍ରାୟ ୮ଟା ବେଳେ ଏହି ଦୁର୍ଘଟଣା ଘଟିଥିବାବେଳେ ସ୍ଥାନୀୟ ଲୋକେ ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇଥିବା ଦୁର୍ଘଟଣାସ୍ଥଳରେ ଉପସ୍ଥିତ ଲୋକେ କହିଥିଲେ। ଘନକୁହୁଡ଼ି ଯୋଗୁ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ପୋଲିସ କହିଛି। ଖବର ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।



ପଳସା ବଜାରଠାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି।







## ସ୍କ୍ରାପ ଚାଲାଣ ବେଳେ ଟ୍ରକ୍ ଜବତ: ଚାଳକ ଗିରଫ

ପଦ୍ମପୁର,୧୮।୧(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଶୁକ୍ରବାର ରାତିରେ ଚୋରା ସ୍କ୍ରାପ ବୋଝେଇ ଏକ ଟ୍ରକକୁ ବିଦେଇପୁର ପେଟ୍ରୋଲ ପମ୍ପଠାରୁ ଜବତ କରିଛି। ସୂଚନା ଅନୁଯାୟୀ, ନାୟକାଣିଡିହୀ ଥାନା ଏଏସ୍ଆଇ ବିଜୟ କୁମାର ଦାସ ମହାପାତ୍ର, କନଷ୍ଟେବଳ କରୁଣାକର ମୁର୍ମୁ ରାତ୍ର ପାଟ୍ରୋଲିଂ କରୁଥିବାବେଳେ ଏକ ଟ୍ରକରେ ଚୋରା ସ୍କ୍ରାପ ବୋଝେଇ ହୋଇ ଧାମରାର କଇଥଖୋଲାରୁ ବାସୁଦେବପୁର ଆଡ଼କୁ ଯାଉଥିଲା। ସନ୍ଦେହ ହେବାରୁ ପୋଲିସ ଗାଡ଼ିକୁ ଅଟକାଇ ଚାଲାଣ ସମ୍ପର୍କିତ କାଗଜପତ୍ର ଚାଳକଙ୍କୁ ମାଗିଥିଲା। ଚାଳକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ିକୁ ଜବତ କରିଥିଲା। ଏଥିସହ ଡ୍ରାଇଭର ବିହାର ଅଞ୍ଚଳର ଲାଲବାବୁ କୁମାର ରାୟଙ୍କୁ ପୋଲିସ ଗିରଫ କରିଛି। ଜବତ ସ୍କ୍ରାପର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୯/୨୦) ରୁଜୁ କରି ଗିରଫ ଚାଳକଙ୍କୁ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଦିଲୀପ କୁମାର ଦେହୁରୀ କହିଛନ୍ତି।




## ଜଳିଗଲା ୮ ବଖରା

ତିହିଡ଼ି,୧୮।୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ବାଉଁଶବାଗ ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୮ ବଖରା ଘର ଜଳିଯାଇଛି। ଗ୍ରାମର ଅଭିମନ୍ୟୁ ପାତ୍ର, ପ୍ରତାପ ପାତ୍ର ଓ ପଞ୍ଚାନନ ପାତ୍ରଙ୍କ ଘର ପୋଡ଼ି ଯାଇଛି। ଏଥିସହ ଗୋଟିଏ ବାଛୁରି ନିଆଁରେ ପୋଡ଼ି ଦଗ୍ଧ ହୋଇଯାଇଥିବାବେଳେ ୨ଟି ଗାଈ ଗୁରୁତର ହୋଇଛନ୍ତି। ଗୁହାଳେ ଦିଆଯାଇଥିବା ଧୂଆଁରୁ ନିଆଁ ଉଠି ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି। ତିହିଡ଼ିରୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଯାଇ ନିଆଁକୁ ଆୟତ୍ତ କରିଥିଲେ।

## ୩ ବ୍ରାଉନ୍‌ସୁଗାର ବେପାରୀ କୋର୍ଟଚାଲାଣ

ସୋର, ୧୮।୧(ଡି.ଏନ୍.ଏ.)

ସୋର ପୋଲିସ ଶୁକ୍ରବାର ଅଚାନକ ଚଢ଼ାଉ କରି ରାଜପଥ ପାର୍ଶ୍ୱ ବାରିକପୁର ବଜାର ନିକଟରୁ ୩ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨ ଗ୍ରାମ ବ୍ରାଉନସୁଗାର , ଗୋଟିଏ ମୋବାଇଲ ସହ ୩୧ ଶହ ଟଙ୍କା ଜବତ ହୋଇଛି। ୩ଜଣଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଶୁକ୍ରବାର ସାପ୍ତାହିକ ହାଟ ଚାଲିଥିବା ବେଳେ ସୋର ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀବଲ୍ଲଭ ସାହୁ ବ୍ରାଉନ୍‌ସୁଗାର ବେପାର ସହ ବକେୟା ଅର୍ଥ ଆଦାୟ କରିବାକୁ ଗୋଟିଏ ବାଇକ୍‌ରେ ଆସିଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନା ସୁଲଗଡ଼ିଆ ଗ୍ରାମର ଶ୍ରୀକାନ୍ତ ପେଡା(୩୭), ବନ୍ତ ଥାନା ଅଞ୍ଚଳର ସୁବ୍ରତ କର(୩୬) ଓ ଜଳେଶ୍ୱର ଥାନା ଶାସନବାଡ ଗ୍ରାମର ମୀର ସୈଫ ଅଲ୍ଲି(୨୪)ଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିଥିଲା। ପଚରାଉଚରା ବେଳେ ସୈଫ୍ ଅଲ୍ଲୀ ଘରେ ଅଧିକ ୧୫ ଗ୍ରାମ୍ ବ୍ରାଉନସୁଗାର ଥିବା ଜାଣିବା ପରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ କ୍ରାଇମ୍ ଡିଏସ୍‌ପି ମନୋଜ କୁମାର ରାଉତ ସୋର ପୋଲିସ ଟିମ୍ ସହ ଗିରଫ ୩ ଜଣଙ୍କୁ ନେଇ ଜଳେଶ୍ୱର ଯାଇଥିଲେ। ସେଠାରେ ସ୍ଥାନୀୟ ପୋଲିସ ସୈଫ୍ ଅଲ୍ଲୀ ଘରେ ଛାନ୍‌ଭିନ୍ ବେଳେ ଏହି କାରବାର ନେଇ ଅଧିକ ତଥ୍ୟ ମିଳିଥିବା ବେଳେ ବ୍ରାଉନ୍‌ସୁଗାର ମିଳି ନ ଥିଲା। ଜବତ ୧୨ ଗ୍ରାମ୍ ବ୍ରାଉନ୍‌ସୁଗାର ଶ୍ରୀକାନ୍ତ ପେଡାଙ୍କଠାରୁ ମିଳିଥିବା ବେଳେ ଯୋଗାଣକାରୀ ସୈଫ୍ ଥିବା ଜଣାପଡିଛି। ସୋର ପୋଲିସ କେସ୍ ନଂ. ୧୬/୨୦ ରୁଜୁ କରି ତଦନ୍ତ ଚଳାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

